# ରାଉରକେଲା ମହାନଗର ନିଗମ, ରାଉରକେଲା

ଉଦିତନଗର, ରାଉରକେଲା, ୭୬୯୦୧୨

Mail Id: rourkelamunicipality@gmail.com, ଦୁରଭାଷ: : (୦୬୬୧-୨୫୦୦୩୮୮)


ବିଜ୍ଞାପନ ସଂଖ୍ୟା: ୧୨୨୪ ତାରିଖ: ୨୩.୭.୨୦୨୧

## ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ପରିଚାଳନା ନିମନ୍ତେ ଆବେଦନ ପତ୍ର

ଏତଦ୍ ଦ୍ୱାରା ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ ଅଧିନରେ ଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ପରିଚାଳନା ନିମନ୍ତେ ଆବେଦନ ନିମନ୍ତ୍ରଣ କରାଯାଉଅଛି । ତେଣୁ ଇଚ୍ଛୁକ ଏବଂ ଦକ୍ଷ ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ତା ୨୩-୦୭-୨୦୨୧ ରିଖ ରୁ ତା ୩୦-୦୭-୨୦୨୧ (ଅପରାହ୍ନ ୪.୦୦ ଘଟିକା ) ରିଖ ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ ଲଫାଫାରେ ରାଉରକେଲା ମହାନଗର ନିଗମରେ ଦାଖଲ କରିବାକୁ ଅବଗତ କରାଗଲା

### ସ୍ୱୟଂ ସହାୟିକା ଗୋଷ୍ଠୀର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ

୧- ସ୍ୱୟଂ ସହାୟିକା ଗୋଷ୍ଠୀ କୁ ତା ୦୧-୦୭-୨୦୨୧ ରିଖ ସୁଦ୍ଧା ସର୍ବନିମ୍ନ ୧ ବର୍ଷ ହୋଇଥିବା ଆବଶ୍ୟକ ।

୨- ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ବସ୍ତୁ ପୁନଃପ୍ରାପ୍ତି କେନ୍ଦ୍ରର ନିକଟବର୍ତ୍ତୀ (ଫର୍ଟିଲାଇଜର୍ ଟାଉନସିପ୍) ଅଞ୍ଚଳର ହୋଇଥିବା ଆବଶ୍ୟକ ।

୩- ସ୍ୱୟଂ ସହାୟିକା ଗୋଷ୍ଠୀର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ । ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରର ପରିଚାଳନା ପାଇଁ ଆର୍ଥିକ ଦକ୍ଷତା ଥିବା ଆବଶ୍ୟକ ।

୪- ସ୍ୱୟଂ ସହାୟିକା ଗୋଷ୍ଠୀ ର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ଅନ୍ୟାନ୍ୟ ଖାତାପତ୍ର ଅପଡେଟ୍ ଥିବ ।

ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ର ପରିଚାଳନା ନିମନ୍ତେ ଗ୍ରେଡିଂ କରାଯାଇ ସର୍ବାଧିକ ମାର୍କ ରଖିଥିବା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଚୟନ କମିଟି ଦ୍ୱାରା ଚୟନ କରାଯିବ ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

ପରିପତ୍ର ସଂଖ୍ୟା : ୧୨୨୫ ତାରିଖ: ୨୩.୭.୨୦୨୧

ଏହି ବିଜ୍ଞପ୍ତିର ନକଲ ରାଉରକେଲା ମହାନଗର ନିଗମ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ - ସିଭିଲ ଟାଉନସିପ୍, ଉଦିତନଗର ଓ ଶିଳ୍ପାଞ୍ଚଳ / ଗୋଷ୍ଠୀ ସଙ୍ଗଠିକାଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ ଓ ତାରିଖ :

| କ୍ର: ସଂ: | ଚୟନ ପ୍ରକ୍ରିୟାର ବିଭିନ୍ନ ସୋପାନ | ତାରିଖ ଓ ସମୟ |
|---|---|---|
| ୧ | ଆବେଦନ କରିବାର ତାରିଖ | ୨୩-୦୭-୨୦୨୧ |
| ୨ | ଆବେଦନ କରିବାର ଶେଷ ତାରିଖ ଓ ସମୟ | ୩୦-୦୭-୨୦୨୧ , ଅପରାହ୍ନ ୪.୦୦ ଘଟିକା |
| ୩ | ଆବେଦନ କରାଯାଇଥିବା ପ୍ରସ୍ତାବ ଖୋଲିବା ତାରିଖ | ୩୦-୦୭-୨୦୨୧ , ଅପରାହ୍ନ ୪.୩୦ ଘଟିକା |

## ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ଠିକଣା

| କ୍ର: ସଂ: | ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ଠିକଣା | ନୂତନ ୱାର୍ଡ ସଂଖ୍ୟା |
|---|---|---|
| ୧ | ଫର୍ଟିଲାଇଜର୍ ଟାଉନସିପ୍ | ୮ |

## ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର




## ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର :

**(୧) ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ର :**

ସହରରେ ଥିବା ସମସ୍ତ ବାସଗୃହ, ଦୋକାନ, ହାଟ, ବଜାର, ବିଭିନ୍ନ ଅନୁଷ୍ଠାନ/ପ୍ରତିଷ୍ଠାନ ଆଦିରୁ ବାହାରୁଥିବା ଓଦା ବର୍ଜ୍ୟ ବସ୍ତୁ ସଂଗ୍ରହ କରି ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରକୁ ଅଣାଯାଏ ଓ ଏଠାରେ ବିଭିନ୍ନ ସୋପାନରେ ସେହି ଓଦା ଆବର୍ଜନାରୁ ଖତ ପ୍ରସ୍ତୁତ କରାଯାଏ ।

**(୨) ବସ୍ତୁ ପୁନଃପ୍ରାପ୍ତି କେନ୍ଦ୍ର :**

ଏଠାରେ ଘର ମାନଙ୍କରୁ ଦୋକାନ ବଜାର ଏବଂ ବିଭିନ ସଂସ୍ଥା / ଅନୁଷ୍ଠାନ ଆଦିରୁ ସଂଗୃହିତ ଶୁଖିଲା ବର୍ଜ୍ୟବସ୍ତୁକୁ ପୁନଃପ୍ରକ୍ରିୟାକରଣ ପାଇଁ ଏଠାରେ ପୁନଃପୃଥକୀକରଣ କରାଯାଏ ।

**ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ପରିଚାଳନା ଓ ରକ୍ଷଣାବେକ୍ଷଣରେ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଓ ଦାୟିତ୍ୱ :**

୧- ଖତ ପ୍ରସ୍ତୁତି ପ୍ରକ୍ରିୟାରେ ନିୟୋଜିତ ହେବା ।

୨- ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ର ଓ କେନ୍ଦ୍ରର ଚାରି ପାଖକୁ ସଫା ରଖିବା ।

୩- ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରର ଖାତାପତ୍ର ଲେଖିବା ।

୪- ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରର ଚାରି ପାଖରେ ବଗିଚା ତିଆରି କରିବା ।

୫- ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରକୁ ସୁରକ୍ଷିତ ରଖିବା ।

୬- ଶୁଖିଲା ବସ୍ତୁଗୁଡିକୁ ଅଲଗା ଅଲଗା କରି ବସ୍ତୁ ପୁନଃପ୍ରାପ୍ତି କେନ୍ଦ୍ରରେ ରଖିବା ।

**ସବୁଜ ରାଉରକେଲା-ସ୍ୱଚ୍ଛ ରାଉରକେଲା-ସୁସ୍ଥ ରାଉରକେଲା**

# ପରିଶିଷ୍ଟ-କ

ପ୍ରାପ୍ତେଷୁ,

ଆୟୁକ୍ତ,

ରାଉରକେଲା ମହାନଗର ନିଗମ, ରାଉରକେଲା

ବିଷୟ: ............................................ ଠାରେ ଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ପରିଚାଳନା ନିମନ୍ତେ ଦରଖାସ୍ତ ।

ମହାଶୟ,

ଏତଦ୍ବାରା ଆପଣଙ୍କୁ ଜଣାଇ ଦେଉଛୁ କି, ଆମ୍ଭେ ______________________ ସ୍ୱୟଂ ସହାୟକ ଗୋଷ୍ଠୀ, ଠିକଣା:__________________________________________, ୱାର୍ଡ ସଂଖ୍ୟା:_______, ରାଉରକେଲା; ______________________ ଠାରେ ଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ପରିଚାଳନା ଦାୟିତ୍ୱ ନେବା ପାଇଁ ଇଚ୍ଛୁକ ଅଟୁ । ଏହା ପାଇଁ ଆବଶ୍ୟକ ସମସ୍ତ ଦସ୍ତାବିଜ ଆମ୍ଭେ ଏହି ଦରଖାସ୍ତ ସହିତ ସଂଲଗ୍ନ କରିଅଛୁ ।

ସଙ୍କଳ୍ପନାମା: ଆମ୍ଭେ ଘୋଷଣା କରୁଅଛୁକି ପ୍ରସ୍ତାବରେ ଦିଆଯାଇଥିବା ସମସ୍ତ ତଥ୍ୟ/ବିବୃତ୍ତି ନିର୍ଭୁଲ ଅଟେ । ଯଦି କୌଣସି ତଥ୍ୟ ଭୁଲ ପ୍ରମାଣିତ ହୁଏ, ତାହେଲେ ଆମ୍ଭେ ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରର ପରିଚାଳନା ପାଇଁ ଅଯୋଗ୍ୟ ବିବେଚିତ ହେବୁ ।

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ:

# ପରିଶିଷ୍ଟ-ଖ

## ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା ଥିବା ଦସ୍ତାବିଜର ସବିଶେଷ ତଥ୍ୟ :

| କ୍ର: ସଂ: | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୨ | ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ଅଧିବେଶନ ବିବରଣୀ : | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀର ସଭପତିଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକାଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ପାନ୍ ନମ୍ବର (ଯଦି ଅଛି): | |
| ୬ | ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ବହିର ନକଲ (ଶେଷ ୧ ବର୍ଷର): | |
| ୭ | ସ୍ୱୟଂ ସହାୟକ ଗୋଷ୍ଠୀର ବୈଠକ ବିବରଣୀର ନକଲ (ଶେଷ ୬ ମାସର): | |
| ୮ | ପରିଶିଷ୍ଟ-ଗ | |
| ୯ | ପରିଶିଷ୍ଟ-ଘ | |
| ୧୦ | ପରିଶିଷ୍ଟ-ଙ | |

**ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:** 

**ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:**

**ତାରିଖ:**

# ପରିଶିଷ୍ଟ-ଗ

## ସ୍ୱୟଂ ସହାୟକ ଗୋଷ୍ଠୀର ବିସ୍ତୃତ ବିବରଣୀ:

| କ୍ର: ସଂ: | ବିଷୟ | ସବିଶେଷ ତଥ୍ୟ |
|---|---|---|
| ୧ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ ଓ ମୋବାଇଲ ନମ୍ବର: | |
| ୨ | ସ୍ୱୟଂ ସହାୟକ ଗୋଷ୍ଠୀର ଠିକଣା ଓ ୱାର୍ଡ ସଂଖ୍ୟା : | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ତାରିଖ: | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀର ସଭପତିଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକାଙ୍କର ନାମ, ଠିକଣା ଓ ମୋବାଇଲ ନମ୍ବର: | |
| ୬ | ସ୍ୱୟଂ ସହାୟକ ଗୋଷ୍ଠୀର ପାନ୍ (PAN) ନମ୍ବର:<br>(ପାନ୍ କାର୍ଡ ନ ଥିଲେ କାର୍ଯ୍ୟାଦେଶ ପାଇବାର ୧ ମାସ ଭିତରେ ଜମା କରିବାକୁ ପଡିବ) | |
| ୭ | ସ୍ୱୟଂ ସହାୟକ ଗୋଷ୍ଠୀର କେଉଁ ବ୍ୟାଙ୍କରେ ସଞ୍ଚୟ ଖାତା ଅଛି : | |
| ୮ | ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ସଞ୍ଚୟ ଖାତା ନମ୍ବର : | |
| ୯ | ସ୍ୱୟଂ ସହାୟକ ଗୋଷ୍ଠୀର କେତେଜଣ ସଭ୍ୟା ପୂର୍ବରୁ ସଫେଇ କାର୍ଯ୍ୟରେ ନିୟୋଜିତ ଥିଲେ କିମ୍ବା ଅଛନ୍ତି ।: | |

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

# ପରିଶିଷ୍ଟ-ଘ

## ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ନିମନ୍ତେ ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କ ବିବରଣୀ

ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ନିମନ୍ତେ ନିୟୋଜିତ ହେବାକୁ ଥିବା ସମସ୍ତ କର୍ମଚାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହେବା ଆବଶ୍ୟକ । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ତାଲିମ ରାଉରକେଲା ମହାନଗର ନିଗମ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକ ସ୍ଥଳେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ପରିବାରରୁ ୨ ଜଣ ପୁରୁଷ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିପାରିବେ ।

| କ୍ର:ସଂ: | ପଦବୀ | ସଂଖ୍ୟା | ବ୍ୟକ୍ତିଙ୍କ ନାମ | ଲିଙ୍ଗ | ଯୋଗ୍ୟତା | ବୟସ |
|---|---|---|---|---|---|---|
| ୧ | ସୁରକ୍ଷା କର୍ମୀ | ୨ | | | | |
| ୨ | ସୁରକ୍ଷା କର୍ମୀ | | | | | |
| ୩ | ସଫେଇ କର୍ମଚାରୀ | ୪ | | | | |
| ୪ | ସଫେଇ କର୍ମଚାରୀ | | | | | |
| ୫ | ସଫେଇ କର୍ମଚାରୀ | | | | | |
| ୬ | ସଫେଇ କର୍ମଚାରୀ | | | | | |
| | ସମୁଦାୟ | ୬ ଜଣ | | | | |

ଉପରୋକ୍ତ ସମସ୍ତ ପଦବୀ ପାଇଁ ନିୟୋଜିତ ବ୍ୟକ୍ତିଙ୍କୁ ଓଡିଶା ସରକାରଙ୍କ ଶ୍ରମ ବିଭାଗ ଦ୍ୱାରା ଉଦ୍ଦିଷ୍ଟ କୁଶଳୀ/ଅର୍ଦ୍ଧ କୁଶଳୀ/ଅଣ କୁଶଳୀ ଶ୍ରମିକ ମଜୁରି ହିସାବରେ ପାରିଶ୍ରମିକ ଦିଆଯିବ । ଏହାଛଡା ସାନିଟେସନ୍ ସାମଗ୍ରୀ କିଣିବାରେ ଅତିରିକ୍ତ ଟ ୧,୦୦୦ ଙ୍କା ପ୍ରତି ମାସ ଉପଯୋଗ କରିପାରିବେ । ସମସ୍ତ ସଫେଇ କର୍ମଚାରୀ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରରେ ଖତ ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ହେବେ ।

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ:

# ପରିଶିଷ୍ଟ-ଡ

## ସଙ୍କଳ୍ପନାମା:

ଆମ୍ଭ__________________ ସ୍ୱୟଂ ସହାୟକ ଗୋଷ୍ଠୀ,____________________, ୱାର୍ଡ ସଂଖ୍ୟା:_______ର ନାମରେ କିମ୍ବା ପରିଚାଳନା ସମିତିରେ ଥିବା କୌଣସି ସଦସ୍ୟାଙ୍କ ନାମରେ  କୌଣସି ଅପରାଧିକ ମାମଲା ନାହିଁ । ଏହା ମଧ୍ୟ ଆମ୍ଭେ ଘୋଷଣା କରୁଅଛୁକି ରାଉରକେଲା ମହାନଗର ନିଗମ ଦ୍ୱାରା ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରର ପରିଚାଳନା ନିମନ୍ତେ କରାଯାଇଥିବା ସମସ୍ତ ନିୟମାବଳୀ ଆମ୍ଭେ ମାନିବା ପାଇଁ ରାଜି ଅଛୁ । ଯଦି ଏଥିରେ କିଛି ବ୍ୟତିକ୍ରମ ହୁଏ ତେବେ ଆମ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ପ୍ରସ୍ତୁତ ଅଟୁ ।

ସଭାପତିଙ୍କ ମୋହର ସହିତ ସ୍ୱାକ୍ଷର:

ତାରିଖ:

ସମ୍ପାଦିକାଙ୍କ ମୋହର ସହିତ ସ୍ୱାକ୍ଷର:

## ଆବେଦନ ମୂଲ୍ୟାଙ୍କନ ପଦ୍ଧତି:

ଆବେଦନ କରିଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ର ଦସ୍ତାବିଜ ଯାଞ୍ଚ କରାଯିବା ସଙ୍ଗେ ସଙ୍ଗେ ନିମ୍ନରେ ଦିଆଯାଇଥିବା ମାନଦଣ୍ଡ ଅନୁସାରେ ମୂଲ୍ୟାଙ୍କନ କରାଯିବ । ମୂଲ୍ୟାଙ୍କନ ପରେ ଅଧିକ ମାର୍କ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯିବ ।

## ପରିଶିଷ୍ଟ-ଚ

### ସ୍ୱୟଂ ସହାୟକ ଗୋଷ୍ଠୀର ପରିମାପ:

| କ୍ର.ନଂ. | ପରିମାପର ବିଷୟ | ସଙ୍କେତକ | ମାର୍କ | ମୋଟ ପ୍ରାପ୍ତ ମାର୍କ |
|---|---|---|---|---|
| ୧ | ସଭ୍ୟାଙ୍କ ମିଶ୍ରଣ | • ୭୦ % ସଭ୍ୟା ଗରିବ ଶ୍ରେଣୀର<br>• ୫୦% ରୁ ୭୦ % ସଭ୍ୟା ଗରିବ ଶ୍ରେଣୀର<br>• ୫୦% ରୁ କମ୍ ସଭ୍ୟା ଗରିବ ଶ୍ରେଣୀର | • ୧୦<br>• ୦୫<br>• ୦୦ | |
| ୩ | ନିୟମିତ ସଞ୍ଚୟ | • ୮୦% ରୁ ଅଧିକ ସଭ୍ୟା ନିୟମିତ ସଞ୍ଚୟ କରନ୍ତି<br>• ୫୦% -୮୦% ସଭ୍ୟା ନିୟମିତ ସଞ୍ଚୟ କରନ୍ତି<br>• ୫୦% ରୁ କମ୍ ସଭ୍ୟା ନିୟମିତ ସଞ୍ଚୟ କରନ୍ତି | • ୦୫<br>• ୦୩<br>• ୦୦ | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀର ଅବସ୍ଥିତି | • ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ୧୦୦ ମିଟର ଦୂରତା ମଧ୍ୟରେ<br>• ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ୩୦୦ ମିଟର ଦୂରତା ମଧ୍ୟରେ<br>• ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ୫୦୦ ମିଟର ଦୂରତା ମଧ୍ୟରେ | • ୧୦<br>• ୦୫<br>• ୦୨ | |
| ୫ | ଖାତା ପତ୍ର ଲିଖନ<br>(ଯଦି ଖାତା ଥିବ ଏବଂ ନିୟମିତ ଲେଖାହେଉଥିବ । | • ଅଧିବେଶନ ଖାତା<br>• ସଞ୍ଚୟ ଖାତା | • ୦୫<br>• ୦୫ | |
| | | | ସର୍ବମୋଟ ମାର୍କ | |

ଗ୍ରେଡିଂରେ ଅଧିକ ମାର୍କ ରଖିବା ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ । ଯଦି ୧ ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରେଡିଂରେ ସମାନ ମାର୍କ ରଖନ୍ତି ତେବେ ସେମାନଙ୍କର ୧୫ ମାର୍କର ମୌଖିକ ପରିକ୍ଷା କରାଯିବ । ସମୁଦାୟ ସାର୍ବୋଚ୍ଚ ମାର୍କ ରଖିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।